

## ୧୦ଟି ବନରାଜା ପାଳନରେ ଆୟ ଓ ବ୍ୟୟ:

| | | |
|---|---|---|
| ଖର୍ଚ୍ଚ: | ୧୦ଟି କୁକୁଡ଼ା ଛୁଆର ଦାମ | - ୧୧୦.୦୦ |
| | ୧୦କିଲୋ କୁକୁଡ଼ାଦାନ | - ୧୮୦.୦୦ |
| | ୧୦ଟି କୁକୁଡ଼ା ପାଇଁ ଘର | - ୨୦୦.୦୦ |
| | ୧୦ଟି କୁକୁଡ଼ା ପାଳନରେ ଟୀକା ଓ ଔଷଧ ଆଦି ଅନ୍ୟାନ୍ୟ ଆବଶ୍ୟକ ଖର୍ଚ୍ଚ | - ୧୦୦.୦୦ |
| | | - ୫୯୦.୦୦ |
| ଆୟ: | ୫ଟି ଗଞ୍ଜା ୧୫ ସପ୍ତାହରେ ୨ କିଲୋ ହେଲେ | - ୧୫୦ X ୫ |
| | ୭୦ଟଙ୍କା ପ୍ରତିକିଲୋ ବା ୧୫୦ଟଙ୍କା ପ୍ରତି ଗଞ୍ଜା | = ୭୫୦.୦୦ |
| | ଅତିକମରେ ୧୮୦ଟି ଅଣ୍ଡା ପ୍ରତି ମାଇ କୁକୁଡ଼ା ଠାରୁ | - ୩.୦୦ X ୯୦୦ |
| | ୩ ଟଙ୍କା ହିସାବରେ ୯୦୦ଟି ଅଣ୍ଡା | = ୨୭୦୦.୦୦ |
| | ମାଇ କୁକୁଡ଼ା ୫ଟି | - ୫୦୦.୦୦ |
| | ମୋଟ | =୩୯୫୦.୦୦ |

ଲାଭ = ଆୟ - ଖର୍ଚ୍ଚ = ୩୯୫୦.୦୦ - ୫୯୦.୦୦

= ୩୩୬୦.୦୦

ପ୍ରତି କୁକୁଡ଼ା ଠାରୁ ଲାଭ ପରିମାଣ = ୩୩୬୦.୦୦

ସ୍ଥାନ ଓ ସମୟ ଅନୁସାରେ ଏହି ଲାଭର ପରିମାଣ ପରିବର୍ତ୍ତିତ ହୁଏ ।

## ଶଙ୍କର ଜାତୀୟ କୁକୁଡ଼ା ପାଳନରେ କେତେକ ଉପାଦେୟ ତଥ୍ୟ:

- ପ୍ରତି ୪ ସପ୍ତାହରେ ଥରେ ଗୋଲକୃମି ପାଇଁ କୃମିନାଶକ ଔଷଧ ଦିଅନ୍ତୁ । (ମାଇ କୁକୁଡ଼ାମାନଙ୍କୁ ୨ ମାସରେ ଥରେ)
- କାଲସିୟମ୍ ଅଭାବ ପୁରଣ କରିବା ନିମନ୍ତେ ଅନ୍ୟ ଏକ ପାତ୍ରରେ ଶାମୁକା ଗୁଣ୍ଡ ବା (ସେଲଗ୍ରିଟ୍)ଦିଅନ୍ତୁ ।
- କୌଣସି ବିଷ ପ୍ରୟୋଗ ସ୍ଥାନରେ କୁକୁଡ଼ାକୁ ଛାଡ଼ନ୍ତୁ ନାହିଁ ।
- କୁକୁଡ଼ା ଖତ ଜମିର ଉର୍ବରତା ବଢ଼ାଇବାରେ ସହାୟକ ହୋଇଥାଏ । (ପ୍ରତ୍ୟେକ କୁକୁଡ଼ାଠାରୁ ବାର୍ଷିକ ୨୦ରୁ ୨୫ କିଲୋ ଖତ ମିଳିଥାଏ ।)
- ଅଣ୍ଡାଦିଆ କୁକୁଡ଼ାଗୁଡ଼ିକ ଯେମିତି ମୋଟା ନହୋଇ ଯାଆନ୍ତି ସେଥିପ୍ରତି ଧ୍ୟାନ ଦିଅନ୍ତୁ ।
- ଅଣ୍ଡା ଦେବା ବେଳକୁ ଗୋଟିଏ ବା ଦୁଇଟି ମାଟି ହାଣ୍ଡିରେ ଚକ୍ଷୁ ବା ଅଗାଡ଼ି ଦେଇ ସେ ଭିତରେ ଅଣ୍ଡା ଦେବା ପାଇଁ କୁକୁଡ଼ାଙ୍କୁ ଶିଖେଇବା ଆବଶ୍ୟକ ହୋଇଥାଏ ।
- ୨୨ରୁ ୨୪ ସପ୍ତାହ ଭିତରେ ମାଇ କୁକୁଡ଼ା ଅଣ୍ଡା ନଦେଲେ ଶୁଖୁଆ ଗୁଣ୍ଡ ଇତ୍ୟାଦି ଏମାନଙ୍କୁ ଖାଇବାକୁ ଦେବା ଆବଶ୍ୟକ ହୋଇଥାଏ ।
- କୁକୁଡ଼ାମାନଙ୍କୁ ସଠିକ୍ ସମୟରେ ଟୀକା ଦିଅନ୍ତୁ ।

କୁକୁଡ଼ା ଅଣ୍ଡା ପୃଷ୍ଟିସାର ତଥା ଜୀବସାର ଓ ଖଣିଜ ଲବଣରେ ଭରପୁର ହୋଇଥିବାରୁ ପିଲାମାନଙ୍କ ଶାରିରୀକ ତଥା ମାନସିକ ବୃଦ୍ଧି ପାଇଁ ଆବଶ୍ୟକ ହୋଇଥାଏ ।


**ବିଷୟବସ୍ତୁ**

**ସୁମିତା ଆଚାର୍ଯ୍ୟ**
ବିଶେଷଜ୍ଞ(ଗୃହ ବିଜ୍ଞାନ)

**ବିନିତା ଶତପଥୀ**
ବିଶେଷଜ୍ଞ(କୃଷି ସମ୍ପ୍ରସାରଣ)

**ବିମଳେନ୍ଦୁ ମହାନ୍ତି**
ବିଶେଷଜ୍ଞ(କୃଷି ଯାନ୍ତ୍ରିକରଣ)


# ମୁକ୍ତ ଅଗଣାରେ ବନରାଜା




ICAR

**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ**

**ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ**

ଗ୍ରାମାଞ୍ଚଳରେ ଖୋଲା ଅଗଣାରେ ଚାଷୀଭାଇମାନେ ସାଧାରଣତଃ ଦେଶୀ ରଙ୍ଗୀନ୍ କୁକୁଡ଼ା ପାଳନ କରିଥାନ୍ତି । କିନ୍ତୁ ଦେଶୀ କୁକୁଡ଼ାମାନଙ୍କର ଶରୀର ବୃଦ୍ଧି ଓ ଅଣ୍ଡା ଦେବାର କ୍ଷମତା ବହୁତ କମ୍। ସେଥିପାଇଁ ପାରମ୍ପରିକ ଶୈଳୀରେ ମୁକ୍ତ ଅଗଣାରେ କୁକୁଡ଼ା ପାଳନ ପରିବର୍ତ୍ତେ ବୈଜ୍ଞାନିକ ପଦ୍ଧତିରେ ମୁକ୍ତ ଅଗଣାରେ ଶଙ୍କର ଜାତୀୟ କୁକୁଡ଼ା ପାଳନ ଆର୍ଥିକ ଉନ୍ନତି ସହିତ କେତେକାଂଶରେ ପୁଷ୍ଟିକର ଖାଦ୍ୟ ଅତି ସହଜରେ କମ୍ ଖର୍ଚ୍ଚରେ ମିଳିପାରିବ । ଏହି ଚାଷ ଖୁଦ୍ରଚାଷୀ, ନାମମାତ୍ର ଚାଷୀ ଏପରିକି ମହିଳାମାନଙ୍କର ପରିବାରର ଆୟ ମଧ୍ୟ ବୃଦ୍ଧି କରିପାରିବ ।

## ଶଙ୍କରଜାତୀୟ (ବନରାଜା) ଓ ଦେଶୀକୁକୁଡ଼ା ମଧ୍ୟରେ ତୁଳନା

| ଗୁଣମାନ | ଶଙ୍କରଜାତୀୟ କୁକୁଡ଼ା | ଦେଶୀକୁକୁଡ଼ା |
|---|---|---|
| -ଦିନିକିଆ ଛୁଆର ଓଜନ | ୪୦-୪୫ଗ୍ରାମ୍ | ୨୦-୨୫ଗ୍ରାମ୍ |
| -ଦେହର ରଙ୍ଗ | ମିଶ୍ରିତ ରଙ୍ଗ | ମିଶ୍ରିତ ରଙ୍ଗ |
| -ଦିନିକିଆ ଛୁଆର ଦାମ | ୧୧.୦୦ | - |
| -ଏକ କିଲୋ ଓଜନ ହେଲା ବେଳକୁ ବୟସ | ୮-୧୦ସପ୍ତାହ | ୨୦-୨୫ସପ୍ତାହ |
| -ଦୁଇକିଲୋ ଓଜନ ହେବାକୁ | ୧୫-୧୮ସପ୍ତାହ | ୩୫-୪୪ସପ୍ତାହ |
| -ମାଂସର ସ୍ୱାଦ | ଦେଶୀ କୁକୁଡ଼ାପରି | - |
| -ଅଣ୍ଡାର ରଙ୍ଗ ଓ ଓଜନ | ବାଦାମୀ (୪୫-୫୫ଗ୍ରାମ୍) | ବାଦାମୀ (୨୫-୩୦ଗ୍ରାମ୍) |
| -ବାର୍ଷିକ ଅଣ୍ଡାଦେବାର କ୍ଷମତା | ୧୮୦-୨୦୦ | ୪୦-୬୦ |

ବନରଜା କୁକୁଡ଼ା ପାଳନ କରି ଅଧିକ ଲାଭ ପାଇବାକୁ ହେଲେ ଆମକୁ ସେମାନଙ୍କର ଘର, ଖାଦ୍ୟ, ପରିପାଳନ ଓ ରୋଗ ନିୟନ୍ତ୍ରଣ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ ।

## କୁକୁଡ଼ା ଘର :

- ୧୦ଟି ଛୁଆ ପାଳିବା ପାଇଁ ୪ଫୁଟ ଲମ୍ବ, ୩ ଫୁଟ ଚଉଡ଼ା ଓ ୨ ଫୁଟ ଉଚ୍ଚତା ବିଶିଷ୍ଟ ଗୋଟିଏ ଡବା କରିବାକୁ ହୋଇଥାଏ ।
- ତଳପଟ ବନ୍ଦ ରଖି ଚାରିପାଖରେ ତାର ଜାଲି ବା ବାଉଁଶ ଖଡ଼ିକା ଦେଇ ପିଞ୍ଜରା ଆକାର କରାଯାଏ ।



- ବିଜୁଳିବତୀର ସୁବିଧା ଥିଲେ ୬୦ୱାଟ ବଲ୍ବ ଜଳାଇବାକୁ ହୋଇଥାଏ କିମ୍ବା କୋଇଲା ଚୁଲି କିମ୍ବା ଲ୍ୟାମ୍ପ୍ ବା ଲଣ୍ଠନ ଟାଙ୍ଗିବାକୁ ପଡ଼ିଥାଏ ।
- କୁକୁଡ଼ା ଘର ଚଟାଣରେ ଶୁଖିଲା ଚଷ୍ଟୁ, କରତଗୁଣ୍ଡ କିମ୍ବା ଅଗାଡ଼ି ରଖିବାକୁ ହୋଇଥାଏ ଏବଂ ସପ୍ତାହକୁ ଥରେ କିମ୍ବା ୨ ଥର ତଳ ଉପର କରିବା ଆବଶ୍ୟକ ।



## ଖାଦ୍ୟ ଓ ପାଳନ :

- ଶଙ୍କର ଜାତୀୟ ୫ଟି ଛୁଆ ପାଇଁ ୧ ମାସ ପର୍ଯ୍ୟନ୍ତ ୧ କି.ଗ୍ରା. ଦାନା ଆବଶ୍ୟକ ହୋଇଥାଏ ।
- ପରିଷ୍କାର ପାଣିରେ ଭିଟାମିନ୍ ମିଶାଇ ଛୁଆମାନଙ୍କୁ ଦିଆଯାଏ ।
- ଏକ ସପ୍ତାହ ପରେ ଦିନବେଳେ ସେମାନଙ୍କୁ ଧିରେ ଧିରେ ବାହାରକୁ ଆଣି ଖୁଦ, ଉଇ, ଜିଆ, କଟାଘାସ, କୁଣ୍ଡା, ପରିବାପତ୍ର ଖାଇବାକୁ ଶିଖାଯାଏ ।
- ବାହ୍ୟଶତ୍ରୁ ଯଥା ବିଲେଇ, କୁକୁର, କୁଆ, ଚିଲ ଆଦିଙ୍କ ଆକ୍ରମଣରୁ ରକ୍ଷା କରିବାକୁ ପାଇଁ ୧ ମାସ ପର୍ଯ୍ୟନ୍ତ ଜାଲ କିମ୍ବା ବାଉଁଶ ଝେବାଅ ଭିତରେ ରଖିବାକୁ ହୁଏ ।



- ୧ ମାସ ପରେ ଆସ୍ତେ ଆସ୍ତେ ବାହାରେ ଚରାବୁଲା ପାଇଁ ଛଡ଼ାଯାଏ ।

## ରୋଗ ପ୍ରତିଷେଧକ :

ଉପଯୁକ୍ତ ସମୟରେ ରୋଗ ପ୍ରତିଷେଧକ ଟୀକା ଦେଇ ଏମାନଙ୍କୁ ମାରାତ୍ମକ ରୋଗରୁ ବଞ୍ଚାଇବା ନିହାତି ଜରୁରୀ ଅଟେ । କାରଣ ଥରେ ରୋଗ ଆରମ୍ଭ ହେଲେ ଏଥିରୁ ବଞ୍ଚିବା ସହଜ ନୁହେଁ।

## ଟୀକାର ଦେବା ସମୟ :

| କୁକୁଡ଼ାର ବୟସ | ଟୀକାର ନାମ | ଟୀକାଦେବା ଉପାୟ | ପରିମାଣ |
|---|---|---|---|
| ପ୍ରଥମଦିନ | ମାରେକ୍ସ ରୋଗର ଟୀକା | ବେକର ଚର୍ମତଳେ ଇଞ୍ଜେକ୍ସନ୍ | ୦.୨ମିଲି |
| ୫ରୁ ୭ଦିନ | ଲାସୋଟା ଟୀକା | ଆଖି କିମ୍ବା ନାକପୁଡ଼ାରେ ଡ୍ରପ୍ର ଦ୍ୱାରା | ୧-୨ଡ୍ରପ୍ |
| ୧୪-୧୮ଦିନ | ଗୁମ୍ବୋର ରୋଗର ଟୀକା | ଆଖି କିମ୍ବା ନାକ ପୁଡ଼ାରେ ଡ୍ରପ୍ର ଦ୍ୱାରା | ୧-୨ଡ୍ରପ୍ |
| ୨୧-୨୮ଦିନ | ଲାସୋଟା (ବୁଷ୍ଟର ଟୀକା) | ପିଇବା ପାଣିରେ ୧ଡୋଜ୍ ଗୁଣ୍ଡ କ୍ଷୀର ଏବଂ ବରଫ ମିଶାଇ | ୧ଡୋଜ୍ |
| ୩୫ଦିନ | ଗୁମ୍ବୋର ଟୀକା ବୁଷ୍ଟର | " | " |
| ୪୫ଦିନ | କୁକୁଡ଼ା ବସନ୍ତ | ଡେଣାରେ ଚର୍ମତଳେ ଇଞ୍ଜେକ୍ସନ୍ | ୦.୨ମିଲି |

ନିକଟସ୍ଥ ପଶୁଡାକ୍ତରଙ୍କ ସହ କିମ୍ବା କୃଷି ବିଜ୍ଞାନ କେନ୍ଦ୍ର ସହ ସମ୍ପର୍କ ରଖି ଦୋକାନରେ ମିଳୁଥିବା ଟୀକା କିଣି ଅତି ସହଜରେ ଚାଷୀ ନିଜେ ଟୀକାକରଣ କରିପାରିବେ ।

